## ପାଣିଟାଙ୍କି ନିକଟରୁ ମୃତଦେହ ଜବତ

ବୈଶିଙ୍ଗା, (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମ ଓଭରହେଡ୍ ପାଣିଟାଙ୍କି ନିକଟରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ ପାଳସିଆ ପଞ୍ଚାୟତର ସୁରେନ୍ଦ୍ର ସିଂ। ସୂଚନା ଅନୁଯାୟୀ, ସୁରେନ୍ଦ୍ର ଜଣେ ସମ୍ପର୍କୀୟଙ୍କ ସହ ଗଡ଼ଦେଉଳିଆ ସାପ୍ତାହିକ ହାଟକୁ ଆସି ଆଉ ଘରକୁ ଫେରି ନ ଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଯୋଡ଼ା,୨୪।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା ହାଇସ୍କୁଲ ନିକଟରେ ସୀତାକାନ୍ତ ଲାମାଇ ନାମକ ଜଣେ ଯୁବକଙ୍କ ରବିବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସୀତାକାନ୍ତ ଶନିବାର ବିଳମ୍ବିତ ରାତିରେ ନିଜ ଘରେ ଶୋଇଥିଲେ। ସକାଳେ ଉଠିବାରେ ବିଳମ୍ବ ହେବାରୁ ତାଙ୍କ କକା ଗୁରା ଲାମାଇ ଘର କବାଟ ଖୋଲି ଦେଖିଥିଲେ। ତାଙ୍କର ବେକରେ ବିଦ୍ୟୁତ ତାର ଏବଂ ମୁହଁରୁ ଫେଣ ବାହାରୁଥିବା ଦେଖି ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା କହିଛି।

## ଧାମନଗର ସମବାୟ ସମିତିରେ ଭାଜପାର ବାଜିମାତ୍

ଧାମନଗର, ୨୪।୭(ସ୍ୱ.ପ୍ର./ଡି.ଏନ.ଏ.) ଭଦ୍ରକ ଜିଲା ଧାମନଗର ସେବା ସମବାୟ ସମିତି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର ନିକଟସ୍ଥ ତାଳପଦା ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୧୨୮୩ ଭୋଟରଙ୍କ ମଧ୍ୟରୁ ୧୦୭୦ ଜଣ ମତଦାନ କରିଥିଲେ। ପୂର୍ବରୁ ୫ ଓ ୯ ନମ୍ବର ଜୋନ୍ ଭାଜପା ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରବିବାର ଅନ୍ୟ ୧୩ ଜୋନ୍‌ରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ବିକ୍ରମ ସାହୁ ଜଣାଇଥିଲେ। ସମବାୟ ନିର୍ବାଚନ ସେକ୍ଟର ଅଫିସର ମୃତ୍ୟୁଞ୍ଜୟ ପଣ୍ଡା, ସମିତିର ଭାରପ୍ରାପ୍ତ ସମ୍ପାଦିକା ସ୍ୱାଗତିକା ରାଉତ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ନିର୍ବାଚନ ଅଧିକାରୀ ଅବିନାଶ ରଣା, ତାପସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଧାମନଗର ଥାନାଧିକାରୀ ବନମାଳି ବାରିକଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସୂଚନା ଥାଉକି, ଏହି ସମିତିରେ ବିଭିନ୍ନ ବିଶୃଙ୍ଖଳା ପାଇଁ ନିର୍ବାଚନ ସ୍ଥଗିତ ରଖାଯାଇଥିଲା।

## ଜିଲାସ୍ତରୀୟ କରମ ପର୍ବ ପାଇଁ ପ୍ରସ୍ତୁତି

ପାଟଣା,୨୪।୭(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ କଲ୍ୟାଣ ମଣ୍ଡପରେ ରବିବାର କୁଡୁମୀ ଜାତିର ଜିଲାସ୍ତରୀୟ କରମ ପର୍ବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଘଟଗାଁ ବ୍ଲକ ପିପିଳିଆରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ବୈଠକରେ ଓଡ଼ିଶା କୁଡୁମୀ ସେନା ଉପଦେଷ୍ଟା ବିଦ୍ୟାଧର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ହୃଷିକେଶ ମହାନ୍ତ, ସମ୍ମାନିତ ଅତିଥି ଭାବେ ରାଜ୍ୟ କୁଡୁମୀ ସେନା ଉପସଭାପତି ମିତ୍ରଭାନୁ ମହାନ୍ତ, ୨୩ ନମ୍ବର ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ପ୍ରମୁଖଙ୍କ ଉପସ୍ଥିତିରେ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ପାଟଣା ବ୍ଲକ ଦେଶ କରମ ପର୍ବର ସଭାପତି ଭାବେ ବିଦ୍ୟାଧର ମହାନ୍ତ, ଉପସଭାପତି ଭାବେ ଅର୍ଜୁନ ଚରଣ ମହାନ୍ତ, ସମ୍ପାଦକ ଭାବେ ରାଧାକାନ୍ତ ମହାନ୍ତ, ସହ ସଂପାଦକ ଭାବେ ପ୍ରଦୀପ କୁମାର ମହାନ୍ତ, ସଙ୍ଗଠନ ସମ୍ପାଦକ ଭାବେ କ୍ଷେତ୍ରବାସୀ ମହାନ୍ତ ପ୍ରମୁଖ ମନୋନୀତ ହୋଇଥିଲେ।

## ଡିଗ୍ରୀ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ଖୁଣ୍ଟା,୨୪।୭ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ୨୦୧୯ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ବିଭାଗ ମୁଖ୍ୟ ଅଧାପିକା ମେଘଦୀପା ସେନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜନୀତି ବିଭାଗ ମୁଖ୍ୟ ଅଧାପକ ପ୍ରମୋଦ କୁମାର ମିଶ୍ର ଯୋଗଦେଇଥିଲେ।

## କୃଷକଙ୍କ ସମସ୍ୟାକୁ ନେଇ ଆଲୋଚନା

ପାଟଣା,୨୪।୭(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ, କୃଷି ସମସ୍ୟା, ଚାଷୀ ଅଧିକାର ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ପାଟଣା ଭାଜପା ମଣ୍ଡଳ ସଭାପତି ଅଭୟ କୁମାର ବେହେରାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ , ପୂର୍ବତନ ସାହାରପଡା ବ୍ଲକ ଅଧକ୍ଷ ଗୌତମ ନାଏକ, ପୂର୍ବତନ ଜିଲା କୋଷାଧକ୍ଷ କମଳାକାନ୍ତ ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରହଲାଦ ପଲେଇ, ମଣ୍ଡଳ ସମ୍ପାଦକ ଲଳିତ ମୋହନ ଗିରି, ହରିଶ ମହାନ୍ତ, ଡମ୍ବରୁଧର ମହାନ୍ତଙ୍କ ସହ ବହୁ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଭୁଲ୍ ଇଞ୍ଜେକ୍ସନରୁ ଶିଶୁ ମୃତ ଅଭିଯୋଗ

- ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା
- ରାସ୍ତାରୋକୋ କଲେ ପରିବାର ଲୋକେ

ଭଦ୍ରକ ଅଫିସ, ୨୪।୭

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ୪ମାସର ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ମୃତ ଶିଶୁଙ୍କ ପରିବାର ଲୋକେ ଟାଉନ ଥାନାରେ ଏତଲା ଦେବା ସହ ଚିକିତ୍ସାଳୟରେ ଉତ୍ତେଜନା ସୃଷ୍ଟି କରିଥିଲେ। ଡାକ୍ତରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ସେମାନେ ରାସ୍ତାରୋକୋ କରିଥିଲେ। ଟାଉନ ଥାନା ଅଧିକାରୀ ଉମାଶଙ୍କର ନାୟକ ପହଞ୍ଚି ଘଟଣାର ତଦନ୍ତ କରାଯିବ କହି ସେମାନଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ଅଧୀନ ଶାଶୁଭୁଆଶୁଣୀ ପଞ୍ଚାୟତ ଚୁଡ଼ାମଣି ଆଡ଼ିଆ ଗ୍ରାମର ଦୀପକ ମଳିକଙ୍କ ଶିଶୁପୁତ୍ର ଶିବ୍‌ଙ୍କର ଶନିବାର ଝାଡ଼ାବାନ୍ତି ହେବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅପରାହ୍ନ ପ୍ରାୟ ୩ଟା ବେଳେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୫ଟାରେ ଡାକ୍ତର ଶିଶୁଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ରାତିରେ ପାଟି ଶୁଖିଯିବା ସହ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କ ମା' ଡାକ୍ତରଙ୍କୁ ବାରମ୍ବାର ଡାକିଥିଲେ ବି ଚିକିତ୍ସା ପାଇଁ କେହି ଆସି ନ ଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ରବିବାର ସକାଳ ୫ଟାରେ ଡାକ୍ତର ଆସି ଶିଶୁ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଭୁଲ୍ ଇଞ୍ଜେକ୍ସନ ଯୋଗୁ ଶିଶୁ ଜୀବନ ଯାଇଥିବା ଅଭିଯୋଗ କରି ପରିବାର ଲୋକେ ଥାନା ଦ୍ୱାରସ୍ଥ ହୋଇଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ପୋଲିସ ମଧ୍ୟ କିଛି ବୁଝୁ ନ ଥିବା କହି ସେମାନେ ରାସ୍ତାରୋକୋ କରିବା ସହ ମୃତଦେହ ଧରି ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି, ରାତିରେ ଚିକିତ୍ସାଧୀନ ଶିଶୁକୁ ଖାଇବାକୁ ଦେବା ପାଇଁ ମନା କରାଯାଇଥିଲା। କିନ୍ତୁ ପରିବାର ଲୋକେ ପିଲା ଶୋଇଥିବା ଅବସ୍ଥାରେ ଖାଦ୍ୟ ଖୁଆଇଥିଲେ। ସେହି କାରଣରୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ।


ମୃତଦେହ ଧରି ପରିବାର ଲୋକେ ଧାରଣାରେ ବସିଛନ୍ତି।

## ନଭେମ୍ବରରେ ଭଦ୍ରକ କଲେଜ ହୀରକ ଜୟନ୍ତୀ

ଭଦ୍ରକ ଅଫିସ,୨୪।୭

ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ରବିବାର ଅପରାହ୍ନରେ ପୁରାତନ ଛାତ୍ରସଂସଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଅଧିବକ୍ତା ସରୋଜ ତପନ ଦାସ, ଅଧାପକ ସଂଗ୍ରାମ ମହାନ୍ତିଙ୍କ ସଂଯୋଜନା ଓ ପୁରାତନ ଛାତ୍ରସଂସଦ ସଭାପତି ପ୍ରଫେସର ଦେବେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। ସମ୍ପାଦକ ଅଜୟ ନାୟକ ସଭାର ଆଭିମୁଖ୍ୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ ନାକ୍ ଟିମ୍ ଆସିବାକୁ ଥିବାରୁ କଲେଜ ପରିସରକୁ ଏକ ନୂତନ ରୂପରେ ଗଢ଼ି ତୋଳିବାକୁ ସମ୍ପାଦକ ନାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଡା. ପ୍ରଦୀପ ନାୟକ, ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଓ ବିଧାୟକ ସଞ୍ଜୀବ ମଲ୍ଲିକ ବୈଠକରେ ଯୋଗ ଦେଇଥିଲେ।

ମହାବିଦ୍ୟାଳୟର ମୁଖ୍ୟ ଫାଟକ, ବାଇକ୍ ଷ୍ଟାଣ୍ଡ, ଶ୍ରେଣୀଗୃହ, ଖେଳପଡ଼ିଆର ଆଦିର ମରାମତି, ହୀରକ ଜୟନ୍ତୀ ସ୍ମାରକୀ ଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ଉତ୍ସବରେ ଅତିଥି ଭାବେ ଆମନ୍ତ୍ରଣ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିଙ୍କୁ ଯୋଗାଯୋଗ କରିବାକୁ ଅଭ୍ୟର୍ଥନା କମିଟି ସଭାପତି ବିଧାୟକ ମଲ୍ଲିକଙ୍କୁ ଅନୁରୋଧ କରାଯାଇଛି। ପୁରାତନ ଛାତ୍ର ଡା. ପ୍ରଭାସ ମହାନ୍ତି, ଅଭୟ ଦ୍ୱିବେଦୀ, ଡା. ହରେକୃଷ୍ଣ ନାୟକ, ଶାନ୍ତନୁ ରାଉତ, ହରମୋହନ ଜେନା, ଜ୍ୟୋତିପ୍ରକାଶ ମହାନ୍ତି, ଅମ୍ବିକା ପ୍ରସନ୍ନ ଦାସ, ସୌରେଶ ମହାନ୍ତି, ଗିରିଧାରୀ ନାଥ, ଲଲାଟେନ୍ଦୁ ମହାନ୍ତି, ଶରତ ପଢିଆରୀ, ରାକେଶ ପଣ୍ଡା, ଡ. ରାଧାରାଣୀ ମହାପାତ୍ର ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅମରେନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଓ ଅନ୍ୟମାନେ।

# ମଡର୍ନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା


କୃତୀ ଛାତ୍ରୀଛାତ୍ରଙ୍କ ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ।

ବାଲେଶ୍ୱର ଅଫିସ, ୨୪।୭

କେନ୍ଦ୍ରୀୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ (ସିବିଏସ୍‌ଇ) ପରୀକ୍ଷାରେ ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଡର୍ନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆଶାତୀତ ସଫଳତା ମିଳିଛି। ସିବିଏସ୍‌ଇ ଦଶମ ପରୀକ୍ଷାରେ ମଡର୍ନ ପବ୍ଲିକ ସ୍କୁଲ ଛାତ୍ରୀ କଳ୍ପିତା କାବ୍ୟମ ସାହୁ, ଶୈଳଜା ରାଉତ, ବର୍ଷା ପ୍ରିୟଦର୍ଶିନୀ ନାୟକ, ସୋହନୀ ଖଣ୍ଡେଲୱାଲ ୯୮.୨ ପ୍ରତିଶତ ମାର୍କ

### ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ରଖି ୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁରୂପ ଭାବେ ସିବିଏସଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ଛାତ୍ର ସ୍ୱାତିକ ଭୋଇ ୯୭ପ୍ରତିଶତ ଓ ଛାତ୍ରୀ ମାମଲି ବେହେରା ୯୬.୪୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଉପାଧକ୍ଷ ରଞ୍ଜନ କୁମାର ନାୟକ ଓ ରବୀନ୍ଦ୍ର ମହାନ୍ତି, ଶିକ୍ଷକ ଏସ୍. ବି. ପାଣ୍ଡେ ଓ ସଞ୍ଜୀବ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ତଥା ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ କଠୋର ଅଧବସାୟର ଫଳ ମଡର୍ନ ପବ୍ଲିକ ସ୍କୁଲ ପାଇଁ ଗୌରବ ଆଣିଛି ବୋଲି ଉପାଧକ୍ଷ କହିଥିଲେ। ସେମାନେ ନିଜର ସଫଳତାର ଶ୍ରେୟ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

## କ୍ଷୁଦ୍ର ସିନେମା ଶେଫାଳୀର ପ୍ରିମିୟର ଶୋ'

ସାରସକଣା, ୨୪।୭ (ଡି.ଏନ.ଏ.)

ଓଡ଼ିଆ ଡ୍ରାମା କମ୍ପାନୀର ଗୌରୀ ଶଙ୍କର ଘୋଷଙ୍କ ପ୍ରଯୋଜନାରେ ନୂତନ ଓଡ଼ିଆ କ୍ଷୁଦ୍ର ସିନେମା ଶେଫାଳୀର ପ୍ରିମିୟର ଶୋ' ହୋଇଯାଇଛି। ଏହାର କାହାଣୀ ପତିତପାବନ ପାଣି ଏବଂ ନିର୍ଦ୍ଦେଶନା ଶୁଭେନ୍ଦୁ ସାହୁ ଦେଇଥିଲା ବେଳେ ଶିବମ ସାହୁ ଚିତ୍ରୋତ୍ତଳନ କରିଥିଲେ। ମୟୂରଭଞ୍ଜ ଜିଲାର ବିଭିନ୍ନ ପ୍ରାନ୍ତ ସହ ପଶ୍ଚିମବଙ୍ଗର କିଛି ସ୍ଥାନରେ ଚଳଚ୍ଚିତ୍ରର ବାପୁ ମିଡିଆ ଦ୍ୱାରା ଶୁଟିଂ କରାଯାଇଛି। ଏଥିରେ କଳାକାର ଭାବେ ଶୁଭଜିତ ଦାସ, ଆୟେଶା ଏବଂ ରଣଜିତ କୁମାର ଦେ ଅଭିନୟ କରିଛନ୍ତି। ସଙ୍ଗୀତ ଦେଇଛନ୍ତି ମୌସୁମୀ ରଥ। ପ୍ରିମିୟର ସୋରେ ମୁଖ୍ୟଅତିଥି ଭାବେ ବଙ୍କିମ ଚନ୍ଦ୍ର ମହାପାତ୍ର, ନିରୋଦ ଚନ୍ଦ୍ର ମହାନ୍ତ, ମଳୟ କୁମାର ନାୟକ, କ୍ରିଷ୍ଣା କେଶବ ଦାସ, ଗୁଲୁ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ଚଳଚ୍ଚିତ୍ର ଦେଖି ସାରିବା ପରେ ସମାଜ ପାଇଁ କ'ଣ ବାର୍ତ୍ତା ଦେଉଛି ସେ ବିଷୟରେ ନିଜ ମତାମତ ଦେଇଥିଲେ।

## ବିଭିନ୍ନ କିସମର ଚାରାବଣ୍ଟନ

କେନ୍ଦୁଝର, ୨୪।୭(ଡି.ଏନ୍.ଏ.)

କେନ୍ଦୁଝର ରୋଟାରି କ୍ଲବ ଏବଂ ଇନରହ୍ୱିଲ କ୍ଲବ ପକ୍ଷରୁ ସ୍ଥାନୀୟ କୃଷକ ବଜାର ସମ୍ମୁଖରେ ରବିବାର ମାଗଣାରେ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଛି। ଫଳ ଜାତୀୟ ପିଜୁଳି, ଆମ୍ବ, ଜାମୁ ଚାରା ସମେତ ନିମ୍ବ, ବଉଳ, କଦମ୍ବ, ଅଶୋକ, ମହାନିମ୍ବ, ପାରୁଲି ଆଦି ଚାରା ବଣ୍ଟନ କରାଯାଇଥିଲା। ରୋଟାରି କ୍ଲବ ପକ୍ଷରୁ ବନୀକରଣ ଦ୍ୱାରା ଏହାର ଉପାଦେୟତା ଉପରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ପ୍ରତ୍ୟେକ ଲୋକ ନିଜ ନିଜ ବାଡିରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରି କ୍ଲବ ସଭାନେତ୍ରୀ ପ୍ରଣତି ମହାପାତ୍ର, ସମ୍ପାଦକ ଇଂ ବିଭୂତି ଭୂଷଣ ସାହୁ, ସଦସ୍ୟ ଇଂ ଦେବବ୍ରତ ସ୍ୱାଇଁ, ସଞ୍ଜୟ ସାହୁ, ସତ୍ୟଜିତ୍ ନନ୍ଦ, ହରିହର ମହାନ୍ତ, ଇଂ ବସନ୍ତ କୁମାର ଦାନୀଙ୍କ ସମେତ ରୋଟାରି କ୍ଲବର ସମସ୍ତ ଡାଇରେକ୍ଟର ମାନେ ଉପସ୍ଥିତ ରହି ଚାରା ବଣ୍ଟନ କରିଥିଲେ। ପ୍ରତ୍ୟେକ ସାପ୍ତାହିକ ହାଟରେ ରବିବାର ଉକ୍ତ କ୍ଲବ ପକ୍ଷରୁ ମାଗଣାରେ କୃଷକ ବଜାର ନିକଟରେ ଚାରା ବଣ୍ଟନ କରାଯିବ ବୋଲି କୁହାଯାଇଛି।



ଚାରା ବଣ୍ଟନ କରାଯାଉଛି।

## ପାଳସାହି ପଞ୍ଚାୟତରେ ଚାରାରୋପଣ

ଆରଡ଼ି, ୨୪।୭ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ବେତାଳିଗାଁ ବାସନ୍ତୀ ଦୁର୍ଗା ପୁଷ୍କରିଣୀ ନିକଟରେ ଓ ବାପୁଜୀ ହାଇସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଳସାହି ସରପଞ୍ଚ ଅଜୟ ମଳିକ ଓ ରଇପୁର ପଞ୍ଚାୟତର ସାମାଜିକ କର୍ମୀ ରଘୁନାଥ ରାଉତ ଅତିଥି ଭାବେ ଯୋଗଦେଇ ଗଛ ଲଗାଇଥିଲେ। ବ୍ରଜେନ୍ଦ୍ର ମହାନ୍ତି, ହୃଦାନନ୍ଦ ଜେନା, ରତ୍ନାକର ଜେନା, ମୁରଲିଧର ଜେନା, ବାବାଜୀ ଦାସ, ଦୁଃଶାସନ ନାୟକ, ମଙ୍ଗୁଳି ଜେନା, ନିର ଦାସ ପ୍ରମୁଖ ଚାରାରୋପଣ କରିଥିଲେ। ସେହିପରି ବାପୁଜୀ ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଚାରାରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କମିଟି ଅଧକ୍ଷ କାଶୀନାଥ ମହାନ୍ତିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଅଧାପକ ନିକୁଞ୍ଜ କିଶୋର ଜେନା, ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ରାଉତ, ପାଳସାହି ସରପଞ୍ଚ, ରଇପୁର ସରପଞ୍ଚ ଜଗଦାନନ୍ଦ ସେଠି, ସମବାୟ ସମିତି ସଭାପତି ଭାଗବତ ବେହେରା, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।


ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ।

## ବିଲରେ ପଶି ଧାନ ଫସଲ ନଷ୍ଟ କଲେ ହାତୀପଲ

ଠାକୁରମୁଣ୍ଡା, ୨୪।୭( ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଡିହା ଗାଁ ବଙ୍ଗଳା ସାହିରେ ଶନିବାର ରାତିରେ ହାତୀ ପଲ ଧାନ ବିଲରେ ପଶି ଧାନ ତଳି ଓ ବିଲରେ ରୋଇ ଥିବା ଧାନ ଗଛକୁ ମାଡି ନଷ୍ଟ କରିଦେଇଛନ୍ତି। ଗ୍ରାମର ଜିତରାଇ ମାଝିଙ୍କ ଗୋଟିଏ ତଳା ସମ୍ପୂର୍ଣ୍ଣ ଖାଇ ଦଳି ଦେଇଛନ୍ତି, ରାମସିଂ ମାଝିଙ୍କର ଗୋଟିଏ ତଳା ଓ ୫ଟି ରୁଆ ବିଲ ଦଳି ଦେଇଛନ୍ତି। ସେହିପରି ସୁନାମଣି ହାଁସଦାଙ୍କର ଗୋଟିଏ ତଳାଗାଡି , ମରା ଆଲଦା ଓ ରାମଟୁଡୁଙ୍କର ମଧ୍ୟ ଗୋଟିଏ ଗୋଟିଏ ତଳାଗାଡି ଖାଇ ଦଳି ଦେଇଛନ୍ତି। ୧୦ ରୁ ଅଧିକ ଶିମିଳିପାଳ ହାତୀ ଆସି ଫସଲ ନଷ୍ଟ କରିଥିବା ଗ୍ରାମବାସୀ କହିଛନ୍ତି। ସକାଳୁ ଚାଷୀମାନେ ଦେଖିବାପରେ ସ୍ଥାନୀୟ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଚମ୍ପାଝର ଫରେଷ୍ଟ ଗାର୍ଡ କିଶୋର ମହାନ୍ତ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

## ଗାଁ ମଜଲିସ ସାହିତ୍ୟ ସଂସଦର ବୈଠକ

ସୋର, ୨୪।୭(ଡି.ଏନ୍.ଏ.)

ଗାଁ ମଜଲିସ୍ ସାହିତ୍ୟ ସଂସଦର ଏକ ସାଧାରଣ ବୈଠକ ସଭାପତି ଡ.ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ ବିବରଣୀ ପାଠ କରିଥିଲେ। ଉପସଭାପତି ବିଜୟ କୁମାର ଦାସ ଆସନ୍ତା ଅଗଷ୍ଟ ୧୫ରେ ସଂସଦର ୩୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ୧୪ ତାରିଖରେ ହେବାକୁ ଥିବା ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ସଂସଦର ନିଜସ୍ୱ ଜମି ଉପରେ ଗୃହ ନିର୍ମାଣ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ଚେମେଇ ଦାସ, ନବକିଶୋର ଦାସ, ଦାମୋଦର ଦାଶ ମହାପାତ୍ର, ମହେଶ୍ୱର ପଣ୍ଡା, ନଟବର ଶତପଥୀ, ଚକ୍ରଧର ପାଢ଼ୀ, ମନୀନ୍ଦ୍ର ଦୀକ୍ଷିତ, ଯାଯାବର, ପରମାନନ୍ଦ ତ୍ରିପାଠୀ, ଡ. ରବୀନ୍ଦ୍ର ବିହାରୀ, ସସ୍ମିତା ରାଉତ, ମୀନତି କର, ରାଜବଲ୍ଲଭ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉକ୍ତ ପ୍ରତିଷ୍ଠା ଉତ୍ସବରେ ପ୍ରତିଷ୍ଠାତା ସଦସ୍ୟ ଓ ପ୍ରାକ୍ତନ ସଭାପତି ଗାଳ୍ପିକ ରଜନୀକାନ୍ତ ମହାନ୍ତି, ପ୍ରତିଷ୍ଠାତା ସମ୍ପାଦକ ଯୋଗେଶ ଚନ୍ଦ୍ର ଦାସ ଏବଂ ପ୍ରତିଷ୍ଠାତା କୋଷାଧକ୍ଷ ଦୁର୍ଯ୍ୟୋଧନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।


ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଝାରସୁଗୁଡା
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION DIVISION,JHARSUGUDA
Inside Collectorate Campus,OMP Line,Jharsuguda-768204,
Ph:06645-270219 (Off), Fax:06645-270219,Email:eerwss_jha@nic.in
Quotation Call Notice No.05/RWS&S, Dt.20.07.22

No.O-705:1.Hiring of A/C Diesel driven Bolero/Vehicle TUV 300 (Preferably Petrol) for RWS&S Division, Jharsuguda under Jharsuguda District.
2. Total Number of Vehicle : 01 No.
3. Estimated Hire Cost : Rs.31,000/- per Month per Vehicle
4. Period of Contract : 24 Months
5. Quotation Paper dropping Last date & Time : 10.08.2022 by 11.00 A.M.
6. Quotation Paper opening date and time : 10.08.2022 by 11.30 A.M.

| Procurement Officer | Quotation Call Notice Number | Availability of tender Papers for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Jharsuguda | 05 of 2022-23 dt.20.07.2022 | 28.07.2022 at 10.00 A.M. | 08.08.2022 upto 5.30 P.M. |

Sd./-Superintending Engineer
RWS&S Division,Jharsuguda
OIPR-25008/11/0006/2223


# ୫୦୦୦ ମଞ୍ଜିଗୋଲା ରୋପଣ ଲକ୍ଷ୍ୟ

### ଗାୟତ୍ରୀ ପରିବାର ଦୀୟାର ଅଭିନବ ପ୍ରୟାସ

କେନ୍ଦୁଝର, ୨୪।୭(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଗାୟତ୍ରୀ ପରିବାରର ଦିୟା ଆନୁକୂଲ୍ୟରେ ଧୁପଦା ଠାରେ ଜାତୀୟ ରାଜପଥ ୪୯ ପାର୍ଶ୍ୱରେ ଥିବା ଶିବ ମନ୍ଦିର ଓ ପାହାଡ଼ ପାର୍ଶ୍ୱରେ ଏକ ଅଭିନବ ଉପାୟରେ ମଞ୍ଜିଗୋଲା ରୋପଣ କରାଯାଇଛି। ପ୍ରକୃତି ମିତ୍ର ପୁରସ୍କାର ପାଇଥିବା ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରମେଶ ମିଶ୍ର ଓ ପରିବେଶବିତ ସତ୍ୟଜିତ ସାମନ୍ତରାୟଙ୍କ ଉଦ୍ୟମରେ ଏହି ମଞ୍ଜିଗୋଲା ସବୁକୁ ନଣ୍ଡା ପାହାଡର ଚତୁଃପାର୍ଶ୍ୱରେ ପ୍ରତିରୋପଣ କରାଯାଇଛି। ବେଲ, ନିମ୍ବ, ସୀମାରୁବା ପରି ବୃକ୍ଷର ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏହି ମଞ୍ଜି ଗୋଲା ସବୁ ଖୁବ ଶୀଘ୍ର ଓ ଶତ ପ୍ରତିଶତ ଅଙ୍କୁରୋଦଗମ ହୋଇ ପରିବେଶରେ ଅମ୍ଳଜାନ ଯୋଗାଇବା ପାଇଁ ସକ୍ଷମ ହେଉଥିବା ମିଶ୍ର ପ୍ରକାଶ କରିଛନ୍ତି। ଜୁଲାଇ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସ୍କୁଲ କଲେଜ ପିଲାମାନଙ୍କ ମାଧ୍ୟମରେ ଏହି ମଞ୍ଜିଗୋଲା ସବୁକୁ ରୋପଣ କରାଯିବ ବୋଲି ସ୍ୱେଚ୍ଛାସେବୀ ତଥା ପରିବେଶବିତ ସତ୍ୟଜିତ ସାମନ୍ତରାୟ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଦିତ୍ୟ ଦାସ, ମନୋରଞ୍ଜନ ସାହୁ, କାଜଲ ପତି, ଆୟୁଷ୍ମାନ ରାଉତ, ସୁବ୍ରତ, ଏଲିଶା, ସୌମ୍ୟ ରଞ୍ଜନ, ରଜତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


e-Procurement Notice for Building Works Identification No. 06/SERW/BLS/2022-23

No.O-707:1.Name of the Work : Buildings. 2. Total No. of Works: 2 Nos. 3. Estimated Cost : Estimated Cost Rs.4.24 Lakh to 35.33 Lakh. 4. Class of Contractor : 'D', 'C' & 'B' Class. 5. Time of Completion : 1 & 3 Month (One and Three Calendar Month). 6. Other Details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 06/ SERW/ BLS/ 2022-23 | 29.07.2022 at 11.00 A.M. | 06.08.2022 upto 5.00 P.M. | 06.08.2022 upto 1.00 P.M. | 08.08.2022 at 11.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Balasore
OIPR-25108/11/0005/2223

## ସଂକ୍ଷେପରେ

### ସରୁଚି ରାସ୍ତା ମରାମତି ଟୋଲ ଆଦାୟକୁ ବିରୋଧ

ସାରସକଣା,୨୪।୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ନିକଟସ୍ଥ ୪୯ନଂ ଜାତୀୟ ରାଜପଥ ଝାରପୋଖରିଆ ଟୋଲପ୍ଲାଜା ବନ୍ଦ କରିବା ଦାବି ନେଇ କୁଡୁମୀସେନା ଓ ଓଡିଶା ମୋଟର ଚାଳକ ମହାସଂଘ ଶନିବାର ଅପରାହ୍ଣରେ ଆନ୍ଦୋଳନ କରିଥିଲେ। ପ୍ରକାଶଥାଉକି ଏଲଆଣ୍ଡଟି କମ୍ପାନୀ ୪୯ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ଦାୟିତ୍ୱ ନେଇ ରାସ୍ତା କାମ ନ ସାରି କାମ ଛାଡି ପଳାଇଛି। ମୁଖ୍ୟତଃ ବମ୍ଫେଛକ ନିକଟସ୍ଥ ଓଭରବ୍ରିଜ, ବାଙ୍ଗିରିପୋଷି ଘାଟି ରାସ୍ତା ଏବେ ମରଣାନ୍ତକ ସମସ୍ୟା ପାଲଟିଛି । ଏନେଇ କୁଡୁମୀସେନା ଜିଲା ସଭାପତି ବିଶ୍ୱନାଥ ମହାନ୍ତଙ୍କ ନେତୃତ୍ୱରେ ନାରୀନେତ୍ରୀ ଶକୁନ୍ତଳା ମହାନ୍ତ, ବ୍ଲକ ସଭାପତି ସାଇରାମ ମହାନ୍ତ, ପ୍ରଶାନ୍ତ ମହାନ୍ତ ପ୍ରମୁଖ ସାମିଲ ହେବାସହ ବିଭିନ୍ନ ନାରା ଦେଇ ରାସ୍ତା କାମ ନ ସରିବା ଯାଏ ଟୋଲପ୍ଲାଜା ବନ୍ଦ କରିବାକୁ ଦାବି କରିଥିଲେ।

### ମୀରା ଶ୍ରୀଜଗନ୍ନାଥ ସମବାୟ ସମିତି ଉପସଭାପତି

ଧାମନଗର, ୨୪।୭(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକର ଭଗବାନପୁରସ୍ଥିତ ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଉପସଭାପତି ଭାବେ ମୀରା ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଶୁକ୍ରବାର ନାମାଙ୍କନ ଦାଖଲ କରିଥିଲେ। ୩ ନଂ. ଜୋନ୍‌ର ସଦସ୍ୟ ବିଶ୍ୱନୀ ସାହୁ ପ୍ରସ୍ତାବକ ଓ ୯ନଂ. ଜୋନ୍ ସଦସ୍ୟା ବାସନ୍ତୀ ପାତ୍ର ତାଙ୍କ ସମର୍ଥକ ଥିଲେ। କେହି ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ବାରିକ ମୀରାଙ୍କୁ ଉପସଭାପତି ଭାବେ ଘୋଷଣା କରିଥିଲେ। ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଓ କର୍ମଚାରୀମାନେ ନବନିର୍ବାଚିତ ଉପସଭାପତିଙ୍କୁ ସ୍ୱାଗତ କରିଥିଲେ।

### ୮୦ ବର୍ଷରେ ସାଇକେଲରେ ୧୨ ଜ୍ୟୋତିର୍ଲିଙ୍ଗ ଦର୍ଶନ

ବୈଶିଙ୍ଗା, ୨୪।୭(ଡି.ଏନ.ଏ.): ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ତପସ୍ୱୀ ସାଇକେଲ ଯୋଗେ ଭାରତବର୍ଷରେ ଥିବା ୧୨ଟି ଜ୍ୟୋର୍ତିଲିଙ୍ଗମ ଦର୍ଶନରେ ବାହାରିପଡିଛନ୍ତି।




ସେ ହେଲେ ଗୁଜରାଟର ଜୁନା ଆଖଡା ନିବାସୀ ସନ୍ତୋଷ ଗିରି(୮୦)। ସେ ଛୋଟ ବେଳୁ ଗୁରୁ ଶିବ ଗିରିଙ୍କ ନିକଟରେ ରହି ଜୁନା ଆଖଡ଼ାରେ ତପସ୍ୟା କରି ଆସୁଛନ୍ତି। ଏକ ସାଇକେଲ ଯୋଗେ ସେ ଚଳିତ ବର୍ଷ ଜାନୁୟାରୀ ୨ ତାରିଖରୁ ଯାତ୍ରା ଆରମ୍ଭ କରି ସୋମନାଥ, ନାଗେଶ୍ୱର, ଓମ୍‌କାରେଶ୍ୱର, କେଦାରନାଥ, କାଶିବୈଦ୍ୟନାଥ ପରେ ଝାଡ଼ଖଣ୍ଡ ସ୍ଥିତ ବେଦନାଥ ଜ୍ୟୋର୍ତିଲିଙ୍ଗ ଦର୍ଶନ ସାରି ୧୮ନଂ ଜାତୀୟ ରାଜପଥରେ ରାମେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ନେଇ ବୈଶିଙ୍ଗା ବଜାରଠାରେ ଗତ ୨୨ ତାରିଖରେ ମିଡିଆ ସେଣ୍ଟର୍ ପକ୍ଷରୁ ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ପ୍ରକାଶ କରିଥିଲେ। ଗୁରୁଙ୍କ କଥା ମାନି ରାସ୍ତାରେ ବିଭିନ୍ନ କଠିନତାକୁ ସାମ୍ନା କରି ବୃଦ୍ଧ ଅବସ୍ଥାରେ ୧୨ ଜ୍ୟୋର୍ତିଲିଙ୍ଗମଙ୍କୁ ଦର୍ଶନ କରିବା ଆଜିକା ସମୟରେ ଗୁରୁ ଏବଂ ଶିଷ୍ୟ ମଧରେ ଥିବା ଏକ ମହାନ ସମ୍ପର୍କକୁ ସୂଚାଉଛି।

# ଜୀବନ୍ୟାସ ଅପେକ୍ଷାରେ ପ୍ରସ୍ତାବିତ ପର୍ଯ୍ୟଟନ ବଳୟ

ଜଳେଶ୍ୱର, ୨୪।୭(ଡି.ଏନ.ଏ.)

୯୦ଦଶକରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନକ୍ଷେତ୍ରକୁ ନେଇ ଏକ ପର୍ଯ୍ୟଟନବଳୟର ପରିକଳ୍ପନା କରାଯାଇଥିଲା। ତତ୍‌କାଳୀନ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ତତ୍‌କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ବିଭିନ୍ନ ସ୍ଥାନ ବୁଲି ପର୍ଯ୍ୟଟନ କ୍ଷେତ୍ର ଘୋଷଣା କରିବାର କିଛିଦିନ ପରେ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଇଥିବାରୁ ଏହା କେବଳ କାଗଜକଲମରେ ସୀମିତ ରହିଛି। ଏବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପର୍ଯ୍ୟଟନ ମନ୍ତ୍ରୀ ହୋଇଥିବାରୁ ଏପରି ଏକ ବଳୟକୁ ଜୀବନ୍ୟାସ ଦେଲେ ଏ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ଘଟିବା ସହିତ ରାଜ୍ୟ ସରକାର ଅଧିକ ରାଜସ୍ୱ ପାଇପାରନ୍ତେ ବୋଲି ଅଞ୍ଚଳବାସୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜଳେଶ୍ୱରରେ ରହିଛି ପୂର୍ବ ଭାରତର ସର୍ବବୃହତ୍ ରାଇବଣିଆ ଦୁର୍ଗ । ଏବେ ଏହି ଦୁର୍ଗ ଓ ନିକଟରେ ଥିବା ୧୮ଟି ଦୁର୍ଗ ସମୂହ ନିଶ୍ଚିହ୍ନ ହେବାକୁ ବସିଛି। ୨ବର୍ଷ ତଳେ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ଦୁର୍ଗର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ଭକ୍ତକବି ଦୀନକୃଷ୍ଣ ଦାସ ଜନ୍ମସ୍ଥାନ ମୁଣ୍ଡୁଣିଆ ଗାଁରେ ଏକ କାଳ୍ପନିକ ମୂର୍ତ୍ତୀ ସ୍ଥାପନ ହୋଇଥିବା ବେଳେ ସେଠାରେ ଅଧିକ ବିକାଶ ହୋଇପାରିନାହିଁ । ବରଡିହା ଦୁର୍ଗର ବିଭିନ୍ନ ପୋଖରୀରୁ ଏବେବି ସେଦିନର କମାଣ, ହତିଆର ମିଳୁଥିବା ବେଳେ ତାର ରକ୍ଷଣାବେକ୍ଷଣ ହୋଇପାରିନାହିଁ। ଉପାନ୍ତରେ ଥିବା ଲକ୍ଷ୍ମଣନାଥ ଗଡ ଓ ସେଥିରେ ବିଜେ ଶ୍ୟାମା ଠାକୁରାଣୀ ତଥା ବଙ୍ଗାଳୀ ଢାଞ୍ଚାରେ ମା' ଦୁର୍ଗାଙ୍କୁ ମୂର୍ତ୍ତୀ ପୂଜା ଏବେବି ଦୁଇ ରାଜ୍ୟ ସୀମା ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଛି। ୪୫୦ ବର୍ଷ ପୂର୍ବେ ମାକିଡିଆଠାରେ ଥିବା ଜଗନ୍ନାଥ ମନ୍ଦିର ସୁବର୍ଣ୍ଣରେଖା ନଦୀ ଅତଡାରେ ଧ୍ୱଂସ ହେବାକୁ ବସିଛି ।


ରାଇବଣିଆ ଦୁର୍ଗ।

ଛମୌଜସ୍ଥିତ ପାବନକ୍ଷେତ୍ରରେ ଶୋଭା ପାଉଥିବା ଜଗନ୍ନାଥଙ୍କର ଚତୁର୍ଦ୍ଧାମୂର୍ତ୍ତି ଏବେ ଜଳେଶ୍ୱର ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଛି। ଭୋଗରାଇ ବ୍ଲକରେ ବିଶ୍ୱ ପ୍ରସିଦ୍ଧ ତଥା ଏସିଆ ମହାଦେଶରେ ସର୍ବବୃହତ୍ ଭୁଷଣ୍ଡେଶ୍ୱର ଶିବଲିଙ୍ଗ ଏବେ ଏକ ଟିଣ ଛପର ତଳେ ପୂଜା ପାଉଛନ୍ତି। ଚନ୍ଦନେଶ୍ୱରଠାରେ ପୂଜା ପାଇ ଆସୁଥିବା ଚନ୍ଦନେଶ୍ୱର ପ୍ରଭୁଙ୍କର ନୀଳ ଓ ପାଟ ଉତ୍ସବ ଓଡିଶା ପଶ୍ଚିମବଙ୍ଗ, ବାଂଲାଦେଶ ଓ ଝାଡଖଣ୍ଡ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଛି। ଅନୁଷ୍ଠିତ ହେଉଥିବା ମେଳାରେ ପ୍ରାୟ ୮ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଜମିଦାରୀ ଅମଳର କାଠରେ ନିର୍ମିତ ସର୍ବବୃହତ୍ ବାସୁଳୀ ଦେବୀଙ୍କର ମୂର୍ତ୍ତି ଭୋଗରାଇ ହାଟଠାରେ ବିଜୟ ବାସୁଳୀ ଭାବେ ପରିଚିତ । ଦୀଘା ସୁନ୍ଦରୀର ଅପରୂପ ଲାବଣ୍ୟ ଆଜି ବିଶ୍ୱରେ ପ୍ରତିଫଳିତ ହୋଇଛି । ଏହାବ୍ୟତିତ ସାଇଲେଣ୍ଟ ଉପଦୀପ, ତାଳସାରୀ ଓ ଉଦୟପୁରର ନାଲି କଙ୍କଡା ଓ ପ୍ରାକୃତିକ ଶୋଭା ପର୍ଯ୍ୟଟକଙ୍କୁ ସର୍ବଦା ଆକୃଷ୍ଟ କରିଥାଏ । ସେହିପରି ବାଲିଆପାଳ ବ୍ଲକର ଡଗର ବେଳାଭୂମିର ମନଲୋଭା ଦୃଶ୍ୟ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ।

### ହୃଦ୍‌ଘାତରେ ହୋମଗାର୍ଡଙ୍କ ମୃତ୍ୟୁ

ଜଳେଶ୍ୱର, ୨୪।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ମହମ୍ମଦନଗରପାଟଣା ଗ୍ରାମବାସୀ ଜଗନ୍ନାଥ ମଲ୍ଲିକଙ୍କ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ସେ ଦୀର୍ଘଦିନ ଧରି ସପରିବାର ଜଳେଶ୍ୱର ପୌରପାଳିକାର ୯ନଂ. ୱାର୍ଡରେ ବସବାସ କରୁଥିଲେ । ୨ଦିନ ତଳେ ତାଙ୍କର ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ଜିକେଭଟ୍ଟର ହସ୍‌ପିଟାଲ ଓ ପରେ କଟକ ନିଆଯାଇଥିଲା। ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବାରୁ ରବିବାର ତାଙ୍କ ମୃତଦେହ ଜଳେଶ୍ୱର ପୌରପାଳିକାସ୍ଥିତ ଘରେ ପହଞ୍ଚିଥିଲା । ତାଙ୍କ ମୃତ୍ୟୁ ଖବରପାଇ ଜଳେଶ୍ୱର ବହୁ ହୋମଗାର୍ଡ ଶେଷଦର୍ଶନ କରିଥିଲେ। ଶେଷରେ ତାଙ୍କୁ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦିଆଯାଇଥିଲା।

### ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍, ଜଣେ ଗିରଫ

ବଡ଼ବିଲ, ୨୪।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ମୁଖ୍ୟ ରାସ୍ତାରେ ଏକ ବାଇକ୍ ଡିକି ତାଡ଼ି ଟଙ୍କା ଲୁଟ୍ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଗଦ ୨ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼ବିଲ ନ୍ୟୁ ମାର୍କେଟ ପାତ୍ର ହଟିଂ ଅଞ୍ଚଳର ମିଲୁ ପାତ୍ର। ରବିବାର ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବଡ଼ବିଲ ଆଜାଦ ବସ୍ତି ଅଞ୍ଚଳରେ ରହୁଥିବା ହିମାଂଶୁ ଶେଖର ସିଂହ ନାମକ ବ୍ୟକ୍ତି ଗତ ଶୁକ୍ରବାର ଷ୍ଟେଟ ବ୍ୟାଙ୍କ୍ ଏଟିଏମରୁ ୧୦ ହଜାର ଟଙ୍କା ଉଠାଇ ବାଇକରେ ରଖିଥିଲେ। ବାଇକ୍‌ଟିକୁ ରାସ୍ତା କଡ଼ରେ ରଖି ପାଉଁରୁଟି ଦୋକାନକୁ ଯାଇଥିଲେ। ଦୋକାନରୁ ଫେରି ବାଇକ୍ ଡିକି ଭଙ୍ଗାଯାଇଥିବା ଓ ସେଠାରେ ଥିବା ଟଙ୍କା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ହିମାଂଶୁ ବଡବିଲ ଥାନାରେ ଏତଲା ଦେଇଥିବାବେଳେ ପୋଲିସ ଏନେଇ ଏକ ମାମଲା (ନଂ.୧୬୨/୨୦୨୨) ରୁଜୁ କରିଥିଲା। ବଜାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରାର ଫୁଟେଜକୁ ତନଖି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।


ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଜଳଲାଗି କରିବା ପାଇଁ ଯାଉଥିବା କାଉଡ଼ିଆମାନେ।

### ଜଳଲାଗି ପାଇଁ ଯାତ୍ରା କଲେ ୫ଶହ କାଉଡ଼ିଆ

ପଦ୍ମପୁର, ୨୪।୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମପୁର, ଜଗନ୍ନାଥପ୍ରାଦ, ଲକ୍ଷ୍ମୀଦାସପୁର, ବାଲିମେଦ ଓ ରାଜଘରପୋଖରୀ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି ପାଇଁ ରବିବାର ପୂର୍ବାହ୍ଣରେ ଶୈବପୀଠ ଆରଡ଼ିକୁ ଯାତ୍ରା କରିଛନ୍ତି। କାଉଡ଼ିଆମାନେ ସ୍ଥାନୀୟ ମନ୍ତେଇ ଓ କଞ୍ଚୁଡ଼ି ନଦୀରୁ ଜଳ ଉଠାଇ ମୁକ୍ତେଶ୍ୱର, ନାଗେଶ୍ୱର ଓ ମା' କନକଦୁର୍ଗା ମନ୍ଦିର ସମ୍ମୁଖରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହାପରେ ପ୍ରସାଦ ସେବନ କରି ଆରଡ଼ି ଅଭିମୁଖେ ଯାତ୍ରା କରିଛନ୍ତି। ସୋମବାର ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ସେମାନେ ଜଳଲାଗି ସହ ପୂଜାର୍ଚ୍ଚନା କରିବେ। କାଉଡ଼ିଆମାନେ ଯାତ୍ରା କରୁଥିବା ରାସ୍ତାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ପ୍ରସାଦ ଓ ସେବା ବ୍ୟବସ୍ଥା କରାଯାଇଛି।

## ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର ଅଫିସ, ୨୪।୭

ବାଲେଶ୍ୱର ଜିଲାରେ ରବିବାର 'ଏକ ପଞ୍ଚାୟତ, ଏକ ଉତ୍ପାଦ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନଠାରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଜିଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସ ମାଧ୍ୟମରେ ଜିଲାର ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ଉତ୍ପାଦଭିତ୍ତିକ କ୍ଲଷ୍ଟର ପ୍ରସ୍ତୁତ କରାଯାଇ ଜିଲାରେ ଥିବା ୩୦ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ମିଶନ ଶକ୍ତି ମା' ମାନଙ୍କ ଆର୍ଥିକ, ସାମାଜିକ ଉନ୍ନତି ତଥା ସେମାନଙ୍କୁ ନିରନ୍ତର ଜୀବିକା ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଜିଲାବାସୀଙ୍କ ପାଇଁ ରୋଜଗାରର ବିଭିନ୍ନ ପନ୍ଥା ସୃଷ୍ଟି କରିବା ସହିତ ସେମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ମିଶନ ଶକ୍ତି ବିଭାଗ ମାଧ୍ୟମରେ ରାଜ୍ୟର ମହିଳାମାନେ ରୋଜଗାରର ବାଟ ପାଇପାରୁଥିବା ବେଳେ ପ୍ରତି ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ କିଭଳି ଅଧିକ ରୋଜଗାରକ୍ଷମ ହୋଇପାରିବେ ସେଥିନିମନ୍ତେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି। ସମସ୍ତ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଅନ୍ୟ ବିଭାଗରେ ଥିବା ଉତ୍ପାଦ ଓ ସେବାକୁ ବିନିଯୋଗ କରାଯାଇ ପ୍ରତ୍ୟେକ ପଞ୍ଚାୟତରେ ଏସଏଚଜି ମା'ମାନଙ୍କୁ ରୋଜଗାର ତଥା କ୍ଷୁଦ୍ରଶିଳ୍ପରେ ନିୟୋଜିତ କରାଯିବ। ଏଯାବତ୍ ଜିଲାରେ

**'ଏକ ପଞ୍ଚାୟତ, ଏକ ଉତ୍ପାଦ' ଶୁଭାରମ୍ଭ**

୩୫୬ ମହାସଂଘ, ୧୫୩ ଉତ୍ପାଦକ ଗୋଷ୍ଠୀ ବିଭିନ୍ନ କାର୍ଯ୍ୟକୁ କିଭଳି ସମସ୍ତ ପଞ୍ଚାୟତରେ ଆଗାମୀ ୩ମାସ ମଧ୍ୟରେ ନିଶ୍ଚିତ କରାଯାଇପାରିବ ତାହା ଉପରେ ଜିଲାପାଳ ଜୋର ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ମନୋରମା ଭୂୟାଁ, ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୁତାର, ଓର୍‌ମାସ ଡେପୁଟି ସିଇଓ ଜିତେନ୍ଦ୍ରିୟ ବିଶ୍ୱାଳ, ଡିପିସି-ମିଶନ ଶକ୍ତି ବିଶ୍ୱଜିତ୍ ପରିଡାଙ୍କ ସମେତ ଅନ୍ୟାନ୍ୟ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



'ଏକ ପଞ୍ଚାୟତ, ଏକ ଉତ୍ପାଦ' ପୁସ୍ତକ ଉନ୍ମୋଚନ କରାଯାଉଛି।

## 'ମଜଦୁରଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁ'



ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ଭଦ୍ରକ ଅଫିସ,୨୪।୭

ଶ୍ରମିକମାନେ ବହୁ କ୍ଷେତ୍ରରେ ଉପଯୁକ୍ତ ପ୍ରାପ୍ୟ ପାଉନାହାନ୍ତି। ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ପ୍ରତିଷ୍ଠା ଦିବସ ଅବସରରେ ଦାବି କରାଯାଇଛି। ଭଦ୍ରକର ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ଶନିବାର ସଂଘର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକ, ମୁଖ୍ୟବକ୍ତା ସଂଘର ରାଜ୍ୟ ସହ ସମ୍ପାଦକ ଶାନ୍ତନୁ ମହାପାତ୍ର, ଜିଲା ସମ୍ପାଦକ ପରେଶ ନାଥ

**ବିଏମ୍‌ଏସ୍‌ର ପ୍ରତିଷ୍ଠା ଦିବସରେ ଦାବି**

ଧଳ, ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଆଶାକର୍ମୀ ସଂଘ ସଂଯୋଜକ ମୁକ୍ତିକାନ୍ତ ସାହୁ ଓ ଖବରଦାତା ତପନ ମିଶ୍ର ଯୋଗ ଦେଇଥିଲେ। ଉପଦେଷ୍ଟା ବିଜୟ ମିଶ୍ର, ଜୟନ୍ତୀ ଜେନା, ବସନ୍ତ ରାଉତ ପ୍ରମୁଖ ସଂଘର ସମସ୍ୟା ଉପସ୍ଥାପନ କରିଥିଲେ। ସଭାପତିତ୍ୱ କରିଥିଲେ ଜିଲା କାର୍ଯ୍ୟକାରୀ ସଭାପତି ଜାନକୀ ଦାସ। ଧାମରା ବନ୍ଦର କର୍ମଚାରୀ ସଂଘ ସମ୍ପାଦକ ପ୍ରଫୁଲ୍ଲ ସେଠୀ ଧନ୍ୟବାଦ ଦେଇଥିଲେ।

## ଅଣ୍ଡରପାସ୍‌ରେ ହାତୀଙ୍କ ଯାତାୟାତ ଲାଗି ପଦକ୍ଷେପ

କେନ୍ଦୁଝର, ୨୪।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଦେଇ ଯାଇଥିବା ଏନ୍‌ଏଚ୍ ୨୦ ଓ ଏନ୍‌ଏଚ୍ ୪୯ ରାସ୍ତା ହାତୀମାନଙ୍କ ଯାତାୟାତରେ ବାଧକ ସୃଷ୍ଟି ହୋଇଛି। ଏଥିପାଇଁ ଅନେକ ସ୍ଥାନରେ ଅଣ୍ଡରପାସ ନିର୍ମାଣ କରାଯାଇଥିଲେ ହେଁ ସେସବୁରେ ହାତୀ ମାନେ ବିଭିନ୍ନ କାରଣରୁ ରାସ୍ତା ଆରପାଖକୁ ଯିବା ଆସିବା କରିପାରୁ ନାହାନ୍ତି। ଏଣୁ ଏସବୁ ଅଣ୍ଡରପାସରେ ହାତୀମାନଙ୍କ ଯାତାୟାତ କରିବା ପାଇଁ ବନ ବିଭାଗ ପକ୍ଷରୁ ନୂତନ ପଦକ୍ଷେପ ନିଆଯାଇଛି। ହାତୀପଲ ରାସ୍ତା ପାର ହେବା ପରିବର୍ତ୍ତେ ଉକ୍ତ ଅଣ୍ଡରପାସ ଦେଇ କିପରି ଆରପାଖକୁ ଯିବା ଆସିବା କରିପାରିବେ ସେ ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଅଣ୍ଡରପାସ୍‌ରେ ବନ ବିଭାଗ ପକ୍ଷରୁ ହାତୀ ମଳ ପକାଯାଉଛି। ଫଳରେ ଏହାର ଗନ୍ଧ ପାଇ ହାତୀ ମାନେ ସେମାନଙ୍କ ଯାତାୟାତ ପଥ ଭାବି ଯାତାୟାତ କରିବେ। ସେହିପରି ଅଣ୍ଡରପାସ ତଳେ ଓ ପାଖରେ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା କରାଯାଉଛି। ବିଶେଷ କରି ସେମାନଙ୍କ ପ୍ରିୟ ଖାଦ୍ୟ କଦଳୀ ଗଛ ଲଗାଇବା ସହ ଗୁଡା ଧାନ ବୁଣାଯାଉଛି । ଫଳରେ ସେସବୁ ଖାଇବାକୁ ଯାଇ ହାତୀମାନେ ଉକ୍ତ ପଥରେ ସୁବିଧାରେ ଯାତାୟାତ କରିପାରିବେ ବୋଲି ମତପ୍ରକାଶ ପାଉଛି। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ଜାତୀୟ ରାଜପଥ ୨୦ ପାର ହେଉଥିବା ବେଳେ ଘଟଗାଁ ବ୍ଲକ ଅଞ୍ଚଳରେ ମାଲବାହୀ ଟ୍ରକ୍ ଓ ବସ୍ ଧକ୍କାରେ ୩ ହାତୀର ଶୋଚନୀୟ ମୃତ୍ୟୁ ଘଟିଥିଲା।

**କଦଳୀଗଛ ଲଗାଯିବା ସହ ଧାନ ବୁଣାଗଲା**



## ବଡ଼ସାହିରେ ଜମାଖାତା, ଅରୁଣାଚଳପ୍ରଦେଶରେ ଠକେଇ

ବାରିପଦା ଅଫିସ,୨୩।୭

ଦିନକୁ ଦିନ ସାଇବର ଠକେଇ ବୃଦ୍ଧି ପାଉଥିବାରୁ ବ୍ୟାଙ୍କରେ ନିରାପଦ ଭାବେ ଟଙ୍କା ରଖିବାକୁ ଲୋକେ ଅସୁରକ୍ଷିତ ମଣୁଛନ୍ତି। ଫୋନପେ'ରେ ଲଟେରୀ ଲାଗିଥିବା କହି ଅଜଣା ଫୋନ କଲ୍‌କୁ ଗ୍ରହଣ କରିବା ପରେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଜଣେ ଯୁବକ। ଏନେଇ ସେ ସାଇବର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସାଇବର ଠକେଇର ଶିକାର ହୋଇଛନ୍ତି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଘୁଷୁରିଆ ଗ୍ରାମର ଅଜୟ ଭୂୟାଁ। ସୂଚନା ଅନୁଯାୟୀ, ଏକ ଅଭିନବ ଉପାୟରେ ସାଇବର ଅପରାଧର ଶିକାର ହୋଇ ଅରୁଣାଚଳ ପ୍ରଦେଶର ଇଟାନଗର କ୍ରାଇମବ୍ରାଞ୍ଚ ପୋଲିସ ପକ୍ଷରୁ ବଡ଼ସାହି ପୋଲିସ ଜରିଆରେ ଅଜୟଙ୍କ ନାମରେ ନୋଟିସ୍ ଦିଆଯାଇଛି। ନୋଟିସ ପାଇବା ପରେ ଅଜୟଙ୍କ ପରିବାର ଲୋକେ ଦୁଶ୍ଚିନ୍ତାରେ ପଡିଛନ୍ତି। ତେବେ ଅଜୟ କ୍ଷୁଦ୍ର ଚାଷୀ ହୋଇଥିବା ବେଳେ ତାଙ୍କର ଏକ ସଞ୍ଚୟ ଖାତା ବଡ଼ସାହି ଷ୍ଟେଟ ବ୍ୟାଙ୍କରେ ରହିଛି। ବର୍ଷକ ତଳେ ଫୋନପେ'ରେ ଲଟେରୀ ଲାଗିଥିବା ନେଇ ଏକ ଅଜଣା ଫୋନ କଲ୍‌କୁ ବିଶ୍ୱାସ କରି ଠକାମିର ଶିକାର ହୋଇଥିଲେ। ସ୍ତ୍ରୀ ଓ ନିଜ ଆକାଉଣ୍ଟରୁ ୧୭୦୦ଟଙ୍କା ଚାଲିଯିବା ପରେ ଫେରିପାଇବା ଆଶାରେ ଅଜୟ ଦୁଇଦୁଇଟି ଓଟିପି ସାଇବର ଅପରାଧୀଙ୍କୁ ଅନିଚ୍ଛା ସତ୍ତ୍ୱେ ଦେଇଥିଲେ। ପରେ ଅପରାଧୀମାନେ ଉକ୍ତ ଆକାଉଣ୍ଟକୁ ହ୍ୟାକ କରି କୋଲକାତାକୁ ଟ୍ରାନ୍ସଫର

**ଫାଟିଛନ୍ତି ସାଇବର ଅପରାଧୀ**

କରିଥିଲେ। ଏହି ଆକାଉଣ୍ଟ ଜରିଆରେ ଅପରାଧୀମାନେ ଟଙ୍କା ନେଣଦେଣ କରିଚାଲିଥିଲେ। ତେବେ ଆକାଉଣ୍ଟରେ ଟଙ୍କା ନ ଥିବା ଜାଣି ଅଜୟ କେବଳ ଏଟିଏମ୍‌କୁ ବ୍ଲକ କରି ଦେଇଥିଲେ। ପରବର୍ତ୍ତୀ ସମୟରେ କାଳିଆ ଯୋଜନା ଟଙ୍କା ଖାତାରେ ଲାଗିବା ପରେ ଉକ୍ତ ଟଙ୍କା ଚାଲିଯିବାରୁ ସେ ବ୍ୟାଙ୍କରେ ପହଞ୍ଚିଥିଲେ। ବ୍ୟାଙ୍କ ପକ୍ଷରୁ ତାଙ୍କ ଆକାଉଣ୍ଟରୁ କୋଲକାତା ଟ୍ରାନ୍ସଫର କରାଯାଇଛି ବୋଲି କହିବା ପରେ ସେ ନିରୁପାୟ ହୋଇ ପୁନର୍ବାର ଆକାଉଣ୍ଟ ଫେରାଇ ଆଣିବା ପାଇଁ ଆବେଦନ କରିଥିଲେ। ତେବେ ଆକାଉଣ୍ଟଟି ବଡ଼ସାହି ଶାଖାକୁ ଫେରିଆସିଥିଲେ ହେଁ ଦୀର୍ଘ ଦିନ ଧରି ଅପରାଧୀମାନେ ସେହି ଆକାଉଣ୍ଟ ଜରିଆରେ ୨ଲକ୍ଷ ୪୦ହଜାର ଟଙ୍କା ଠକି ନେଇଥିବାରୁ କ୍ରାଇମ୍‌ବ୍ରାଞ୍ଚ ଇଟାନଗର ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଆକାଉଣ୍ଟକୁ ଅଚଳ କରିଥିଲା। ତେବେ ବ୍ୟାଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାହାରା ନେବା ପରେ ୨୦୨୧ ମେ' ୨୪ରେ ସେଠାକାର କ୍ରାଇମବ୍ରାଞ୍ଚ ଥାନା ଏକ ମାମଲା (ନଂ.୧୪/୨୦୨୧) ଜରିଆରେ ନୋଟିସ୍ ଆସିଛି। ତେବେ ଏନେଇ ଗତ ୪ଦିନ ତଳେ ବଡ଼ସାହି ବ୍ଲକ ତଥା ବୈଶିଙ୍ଗା ଥାନା ମାନଗୋବିନ୍ଦପୁର ପଞ୍ଚାୟତର ଜଡ଼ିଦା ଓ ବିଜିପୁର ଗ୍ରାମର ୨ ଯୁବକ ଆନ୍ତଃରାଜ୍ୟ ସାଇବର ଠକ ଗ୍ରୁପର ସଦସ୍ୟ ବୋଲି ଜଣାପଡ଼ିବାରୁ ବେତନଟୀ ପୋଲିସ ତାଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### କଣ୍ଟେନର ଧକ୍କାରେ ୪ ଷଣ୍ଢ ମୃତ

ବାହାନଗା, ୨୪।୭(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ସାମ୍ନା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥରେ ଏକ ମାଲ ବୋଝେଇ କଣ୍ଟେନର ଧକ୍କାରେ ୪ ଷଣ୍ଢଙ୍କ ମୃତ୍ୟୁ ହୋଇଛି। ରାତିରେ ଜାତୀୟ ରାଜପଥ ପାର୍ ହେଉଥିବା ବେଳେ ଷଣ୍ଢଙ୍କ ଉପରେ କଣ୍ଟେନର(ନଂ. ଏନଏଲ ୦୧-ଏଏଫ୍ ୦୦୦୬) ଉପରେ ମାଡିଯାଇଥିଲା। କଣ୍ଟେନରଟି କୋଲକାତା ଆଡୁ ଆନ୍ଧ୍ର ଆଡକୁ ଯାଉଥିବା ବେଳେ ଖନ୍ତାପଡା ଥାନା ସାମ୍ନାରେ ଏହି ଦୁର୍ଘଟଣା ଘଟିଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ ଜୟ ଜଗନ୍ନାଥ ଗ୍ରୁପର କେତେଜଣ ସଦସ୍ୟ ସେହି ବାଟ ଦେଇ ଯାଉଥିବା ବେଳେ ଦୁର୍ଘଟଣା ଦେଖି ସ୍ଥାନୀୟ ପୋଲିସ୍‌କୁ ଖବର ଦେବା ସହିତ ମାଲ୍ ବୋଝେଇ କଣ୍ଟେନରକୁ ଅଟକାଇଥିଲେ । ପରେ ସେମାନେ ଜବତ କଣ୍ଟେନରକୁ ଖନ୍ତାପଡା ଥାନା ପୋଲିସକୁ ହସ୍ତାନ୍ତର କରିବା ସହିତ ଡ୍ରାଇଭର ଓ ହେଲପରଙ୍କୁ ପୋଲିସ ଜିମା ଦେଇଥିଲେ।

### ଗୌତମ ବ୍ଲକ ବିଜୁ ଛାତ୍ର ଜନତା ସଭାପତି

ଖଇରା, ୨୪।୭(ଡି.ଏନ.ଏ.)-ଯୁବ ସଙ୍ଗଠକ ଗୌତମ ରାଉତଙ୍କୁ ଖଇରା ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଘୋଷଣା କରାଯାଇଛି । ଏ ସମ୍ପର୍କରେ ଜିଲା



ବିଜୁ ଛାତ୍ରଜନତା ଦଳ ସଭାପତିଙ୍କ ଚିଠି ଖଇରା ବ୍ଲକରେ ପହଞ୍ଚିବା ପରେ ଖଇରା ଅଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ସ୍ଥାନରେ ଛାତ୍ର ଓ ଯୁବଗୋଷ୍ଠୀ ଏନେଇ ବିଜୟ ଉଲ୍ଲାସ ଜାହିର କରିବା ସହ ଗୌତମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଖଇରା ବ୍ଲକରେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ବିଜେଡି ଦଳକୁ ସଙ୍ଗଠିତ କରିବାକୁ ପ୍ରାଥମିକତା ଦେବେ । ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଆଦର୍ଶ ଓ ପରାମର୍ଶକୁ ପାଥେୟ କରି ଆଗାମୀ କାର୍ଯ୍ୟପନ୍ଥା ଓ ରଣନୀତି ସ୍ଥିର କରିବେ ବୋଲି କହିଛନ୍ତି ।

### ଜୟନ୍ତୀ ମହଲା ବ୍ଲକ ମହିଳା ସଭାପତି

ଖଇରା, ୨୪।୭(ଡି.ଏନ.ଏ.)-ପୂର୍ବତନ ଖଇରା ବ୍ଲକ ଅଧକ୍ଷା ତଥା ପ୍ରାକ୍ତନ ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲାଙ୍କୁ



ଖଇରା ବ୍ଲକ ମହିଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ଜଣେ ଟାଣୁଆ ମହିଳା ନେତ୍ରୀ ଭାବେ ସେ ପୂର୍ବରୁ ବହୁବାର ଲୋକପ୍ରତିନିଧି ଭାବେ ବିଜୟୀ ହୋଇ ସାଧାରଣ ଜନତାଙ୍କ ଆଶୀର୍ବାଦ ଲାଭ କରିଛନ୍ତି। ଏହାଛଡା ମହିଳାମାନଙ୍କୁ ସୁସଙ୍ଗଠିତ କରିବାରେ ତାଙ୍କର ବହୁବର୍ଷର ଅଭିଜ୍ଞତା ରହିଛି। ଏହି ଦାୟିତ୍ୱକୁ ସେ ସୁଚାରୁ ରୂପେ ସମ୍ପାଦିତ କରିବାକୁ ଯଥାସାଧ୍ୟ ଉଦ୍ୟମ କରିବେ। ଏହି ସମ୍ମାନ ପାଇଁ ସେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ନିର୍ବାଚନରେ ବର୍ତ୍ତମାନର ବିଧାୟକ ପାଣିଗ୍ରାହୀ କିଭଳି ତୃତୀୟଥର ପାଇଁ ବିଜୟୀ ହେବେ ସେଥିଲାଗି ମହିଳାମାନଙ୍କୁ ସଶକ୍ତ କରିବାକୁ ଧ୍ୟାନ ଦେବେ ବୋଲି କହିଛନ୍ତି।

### ମହିଳା ମହାବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ

ଭଦ୍ରକ ଅଫିସ,୨୪।୭

ଯେକୌଣସି ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା ସହାୟତା ଯଥେଷ୍ଟ ଗୁରୁତ୍ୱ ବହନ କରେ ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟର ରେଡ୍‌କ୍ରସ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରାଥମିକ ଚିକିତ୍ସା ତାଲିମ ଶିବିରରେ ମତପ୍ରକାଶ ପାଇଛି। ମହାବିଦ୍ୟାଳୟର ରେଡ୍‌କ୍ରସ ସଂଯୋଜିକା ଡା. ଶୁଭଶ୍ରୀ ବେହେରାଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଧାମରାଈ ମହାବିଦ୍ୟାଳୟର ଲକ୍ଷ୍ମୀଧର ବେହେରା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଉପାଦେୟତା ବୁଝାଇବା ସହ ଛାତ୍ରୀମାନଙ୍କୁ କୌଶଳ ଶିକ୍ଷା ଦେଇଥିଲେ। ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଏଥିରେ ଭାଗ ନେଇଥିଲେ। ଅଧାପିକା ସୁଭଦ୍ରା ରାଣୀ ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଟାଙ୍ଗରାଣୀ ଜଙ୍ଗଲରେ ବେଆଇନ ଖନନ

■ଉଜୁଡୁଛି ସବୁଜିମା
■ବନ ବିଭାଗର କାରଣ ଦର୍ଶାଅ ନୋଟିସ୍

କେନ୍ଦୁଝର, ୨୪।୭ (ସ୍ୱ.ପ୍ର.)



ବେଆଇନ ଭାବେ ଖନନ ହୋଇଥିବା ଜଙ୍ଗଲ।

କେନ୍ଦୁଝର ସଦର ରେଞ୍ଜ୍ ଅନ୍ତର୍ଗତ ପଳାଶପଙ୍ଗା ସ୍ଥିତ ବନ୍ଦ ଥିବା ଓଡିଶା ସ୍ପଞ୍ଜ ଲୁହା କାରଖାନା ପରିସରରେ କ୍ୱାର୍ଟର୍ସ ନିର୍ମାଣ ପାଇଁ ବିନା ବନ ବିଭାଗର ଅନୁମତିରେ ହୁଡ଼ି ତଡ଼ାଯାଇ ଜଙ୍ଗଲ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ବନ ବିଭାଗ କାମ କରୁଥିବା ଠିକା ସଂସ୍ଥା ତଥା କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫ କରିବା ସହ ମେଶିନ ଜବତ କରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳକୁ ଯାଇ କାମର ଅନୁଧ୍ୟାନ କରିବା ସହ କାମ ବନ୍ଦ କରି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ କରିଛନ୍ତି।

ଓଡିଶା ସ୍ପଞ୍ଜ ଆଇରନ ଅଧୀନରେ ଥିବା ଏହି ଜମିରେ ଗତ ୨ ଦିନ ହେବ ଖନନ କାର୍ଯ୍ୟ ଚାଲିଛି। ଫଳରେ ଏହା ଦ୍ୱାରା ପରିବେଶ ନଷ୍ଟ ହେବା ସହ ଏଠାରେ ବିଚରଣ କରୁଥିବା ଜୀବଜନ୍ତୁ କ୍ଷତିଗ୍ରସ୍ତ ହୋଇଛନ୍ତି। ବନ ବିଭାଗର ବିନା ଅନୁମତିରେ କମ୍ପାନୀ ନିୟୋଜିତ ଜଣେ ଠିକାଦାର ଜଙ୍ଗଲ ନଷ୍ଟ କରି ବ୍ୟାପକ ଗଛ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଟାଙ୍ଗରାଣୀ ସଂରକ୍ଷିତ ଜଙ୍ଗଲରେ ଓଡିଶା ସ୍ପଞ୍ଜ ଆଇରନ ପାଇଁ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ଚାଲିଛି। ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନା ଇଡ୍‌କୋ ଠାରୁ ୧୯୯୪ ମସିହାରେ ୫୩୮ ଏକର ଜମି ଲିଜ୍ ପାଇଛି। ଏହି ଜମି ଜଙ୍ଗଲ କିସମ ଥିବାରୁ ଲିଜ୍ ଅବଧି ମଧ୍ୟରେ ଏଥିମଧ୍ୟରୁ ୩୨ ଏକର ଜଙ୍ଗଲ ଜମିର ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଅନୁମତି ପାଇଥିବା ଜଣାପଡିଛି। ତେବେ କେଉଁ ସ୍ଥାନ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ହେବ ତାହା ମାପଚୁପ ହୋଇ ନ ଥିବା ବେଳେ ତରବରିଆ ଭାବେ କାହିଁକି ଜଙ୍ଗଲ ନଷ୍ଟ କରାଯାଇ ସମତୁଲ କରାଯାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ନୋଟିସ କରାଯାଇଥିବା ଏବଂ ତଦନ୍ତ ପରେ ମାମଲା ରୁଜୁ କରାଯିବ ବୋଲି ସଦର ରେଞ୍ଜର ବିଜୟ କୁମାର ମହାନ୍ତ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଓଡ଼ିଶା ସ୍ପଞ୍ଜ ଆଇରନ ଲିଃ ନିର୍ଦ୍ଦେଶକ ସଞ୍ଜୀବ କାପୁର କହିଛନ୍ତି, ଇଡ୍‌କୋଠାରୁ ମିଳିଥିବା ଲିଜ୍ ଜମିରେ କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି। ବନ ବିଭାଗ ଆଦେଶ କ୍ରମେ ଏବେ କାମ ବନ୍ଦ କରାଯାଇଛି।

# ‘ପରଂ ବିଜୟତେ ଶ୍ରୀକୃଷ୍ଣ ସଂକୀର୍ତ୍ତନମ’ ଲୋକାର୍ପଣ

ବାଲେଶ୍ୱର ଅଫିସ, ୨୪।୭

ବାଲେଶ୍ୱର ସହର ମଲ୍ଲିକାଶପୁରସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦ ଡ.ରସିକାନନ୍ଦ ମହାନ୍ତିଙ୍କ ରଚିତ ପରଂ ବିଜୟତେ ଶ୍ରୀକୃଷ୍ଣ ସଂକୀର୍ତ୍ତନମ୍ ଗ୍ରନ୍ଥ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ଯେଉଁମାନେ ସଂକୀର୍ତ୍ତନକୁ ଗୁରୁତ୍ୱ ଦିଅନ୍ତି, ସେମାନେ ଶ୍ରୀକୃଷ୍ଣଙ୍କଠାରୁ ତାଙ୍କର ନାମକୁ ଅଧିକ ମହତ୍ତ୍ୱ ଦେଇଥାଆନ୍ତି। ଡ. ମହାନ୍ତିଙ୍କ ରଚିତ ‘ପରଂ ବିଜୟତେ ଶ୍ରୀକୃଷ୍ଣ ସଂକୀର୍ତ୍ତନମ’ ଗ୍ରନ୍ଥର ଏହା ହେଉଛି ପ୍ରମୁଖତା ବୋଲି ପ୍ରକାଶ କରିଥିଲେ।

ଅବସରପ୍ରାପ୍ତ ଅଧକ୍ଷ ଡ.କ୍ଷିତୀଶ୍ୱର ଦାଶ ଏଥିରେ ଥିବା ଶ୍ଳୋକମାନ ଉଦ୍ଧାର କରି ତାହାର ସୁନ୍ଦର ବ୍ୟାଖ୍ୟା କରିଥିଲେ। ସମୀକ୍ଷକ ଭାବରେ ଗୌଡ଼ୀୟ ଶାସ୍ତ୍ର ବିଶାରଦ ହରେକୃଷ୍ଣ ଗିରି ଯୋଗଦେଇ ନାମ ସଂକୀର୍ତ୍ତନର ମାହାତ୍ମ୍ୟ ବର୍ଣ୍ଣନା କରିବା ସହ ସ୍ୱରଚିତ ଗ୍ରନ୍ଥର ନାମ ସଂକୀର୍ତ୍ତନ ବିଷୟବସ୍ତୁକୁ ଉପସ୍ଥାପନ କରିଥିଲେ। ଅନ୍ୟତମ ସମୀକ୍ଷକ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ସଂସ୍କୃତ, ବଙ୍ଗଳା ଓ ଓଡ଼ିଆ ଭାଷାରୁ ପଦ ଉଦ୍ଧାର କରି ଓ ତାହାର ଅର୍ଥ ପ୍ରଦାନ କରି ଲେଖକଙ୍କ ଦ୍ୱାରା ରଚିତ ଗ୍ରନ୍ଥ ବୈଷ୍ଣବ ସାହିତ୍ୟକୁ ସମୃଦ୍ଧ କରିବ ବୋଲି ମତ ପ୍ରକାଶ କରିଥିଲେ। ଲେଖକ ଡ.ମହାନ୍ତି ପାରିବାରିକ ରୂପରେ ସେମାନେ ଗୌଡ଼ୀୟ ବୈଷ୍ଣବଧର୍ମୀ ହୋଇଥିବା ଯୋଗୁ ଏ ପ୍ରକାର ରଚନା ପ୍ରତି ଆସକ୍ତି ବଢ଼ିଲା ବୋଲି ମତ ରଖିଥିଲେ। କଲ୍ୟାଣୀ ନନ୍ଦ, ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ତପନ ରାୟ, ଡ.ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ଅରୁଣା ରାୟ, ଅଧାପକ ସୁକାନ୍ତ ଗିରି, କମଳାକାନ୍ତ ଦାଶ, ବାସନ୍ତୀ ଦେ, ସ୍ନିଗ୍ଧା ସାମନ୍ତରାଓ ପ୍ରମୁଖ ବହୁସଂଖ୍ୟକ ସାହିତ୍ୟପ୍ରେମୀ ଯୋଗଦେଇଥିଲେ।

# ଚୋରି ଟ୍ରକ୍ ସୋରରୁ ଜବତ: ୨ଗିରଫ

ଆନନ୍ଦପୁର/ସୋର, ୨୪।୭(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ଶନିବାର ରାତିରେ ବାଲେଶ୍ୱର ଜିଲା ସୋର ମାଣିକପୁର ଅଞ୍ଚଳରେ ଚଢ଼ାଉ କରି ଦୁଇ ଦିନ ତଳେ ଚୋରି ହୋଇଥିବା ଏକ ଟ୍ରକ୍‌କୁ ଜବତ କରିଛି। ଏହା ସହିତ ଚୋରିରେ ସମ୍ପୃକ୍ତ ଥିବା ତାପସ କୁମାର ନାୟକ ଓ ସ୍ୱାଗତ ବିଶ୍ୱାଳଙ୍କୁ ପୋଲିସ ଗିରଫ କରିଛି। ଏହାସହ ଗୋଟିଏ କାର୍ ଓ ଦୁଇ ବାଇକ୍ ମଧ୍ୟ ଜବତ ହୋଇଛି। ଆନନ୍ଦପୁରର ପ୍ରଶାନ୍ତ ସାହୁଙ୍କ ଏକ ୧୨ ଚକିଆ ଟ୍ରକ୍ ତରାତରା ଛକଠାରେ ଛିଡା ହୋଇଥିଲା। ଏକ କାର ଯୋଗେ ଆସି କିଛି ଦୁର୍ବୃତ୍ତ ଗାଡିରେ ଥିବା ହେଲପର୍‌ଙ୍କୁ ଅଚେତ କରି ଗତ ୨୨ତାରିଖ ରାତିରେ ଚୋରି କରିନେଇଥିଲେ। ଦୁର୍ବୃତ୍ତମାନେ ହେଲପର୍‌ଙ୍କୁ ଅଚେତ ଅବସ୍ଥାରେ ଯାଜପୁର ଠାରେ ଛାଡି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୮୭/୨୨) କରି ତଦନ୍ତ ଆରମ୍ଭ କରିଥିଲା। କୌଣସି ସୂତ୍ରରୁ ଖବର ପାଇ ଆନନ୍ଦପୁର ପୋଲିସ ଶନିବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ମାଣିକପୁର ଗ୍ରାମରୁ ଟ୍ରକ୍‌କୁ ଜବତ କରିବାରେ ସଫଳ ହୋଇଥିଲା। ଉକ୍ତ ଟ୍ରକ୍‌କୁ ମାତ୍ର ୫ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରେ ୭ ରୁ ୮ ଦୁର୍ବୃତ୍ତ ରହିଥିବାବେଳେ ଦୁଇ ଜଣଙ୍କୁ କାବୁ କରିବାରେ ପୋଲିସ ସଫଳ ହୋଇଥିଲା। ଏହି ଟ୍ରକ୍ ଚୋରି ଘଟଣା ଏକ ବଡ଼ ଧରଣର ରାକେଟ୍ ହୋଇଥିବା ପୋଲିସ ଅନୁମାନ କରୁଥିବାବେଳେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ତଦନ୍ତ ଚାଲିଥିବା ଆନନ୍ଦପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଖବରଦାତାଙ୍କୁ ଏକ ହେବାକୁ ଆହ୍ୱାନ

ଖଇରା, ୨୪।୭(ଡି.ଏନ.ଏ.)

ଖଇରା ସାମ୍ବାଦିକ ପ୍ରକୋଷ୍ଠରେ ଅପରାହ୍ନ ପକ୍ଷରୁ ବନ୍ଧୁମିଳନ ଏବଂ ସାମ୍ବାଦିକ ଏକତା ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାମାନଙ୍କୁ ସବୁ ସ୍ତରରେ ଉପେକ୍ଷା କରାଯାଉଛି । ଏଣୁ ଦାବି ହାସଲ କରିବା ପାଇଁ ଏକତା ଅତ୍ୟନ୍ତ ଆବଶ୍ୟକ। ଏଣୁ ଜିଲାସ୍ତରରେ ଗୋଷ୍ଠୀ କିମ୍ବା ଦଳୀୟ ଭାବନାରୁ ଉର୍ଦ୍ଧ୍ୱରେ ରହି ସମସ୍ତ ଖବରଦାତାଙ୍କୁ ଏକଜୁଟ କରି ସେମାନଙ୍କ ହକ୍ ଜାହିର କରିବା ପାଇଁ ତାଙ୍କର ଏହା ଏକ ଛୋଟ ପ୍ରୟାସ ବୋଲି ବକ୍ତବ୍ୟରେ କହିଥିଲେ। ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ସାମ୍ବାଦିକ ବୃତ୍ତିକୁ କେବଳ ସ୍ୱାଭିମାନ ବ୍ୟକ୍ତି ହିଁ ତୁଲାଇପାରିବେ । ଶିକ୍ଷାବିତ୍ ବୁଦ୍ଧିରାମ ପାଣିଗ୍ରାହୀ, ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଖଇରା ସାମ୍ବାଦିକ ସଂଘ ସଭାପତି ଉତ୍କଳବନ୍ଧୁ ପଣ୍ଡା, ଅପରାହ୍ନର ସହ ସମ୍ପାଦକ ଜ୍ୟୋତିର୍ମୟୀ ଶତପଥି, ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ଆମ୍ଭମାନଙ୍କ ସୁରକ୍ଷା ପାଇଁ ଏକତ୍ର ହୋଇ ଲଢ଼ିବାର ସମୟ ଆସିଛି ବୋଲି କହିଥିଲେ। ଖଇରା ସାମ୍ବାଦିକ ସଂଘ ସମ୍ପାଦକ ବଳରାମ ଲେଙ୍କା, ବିଭିନ୍ନ ପତ୍ରପତ୍ରିକାର ସାମ୍ବାଦିକ ଛାୟାକାନ୍ତ ମହାନ୍ତି, ପଦ୍ମଲୋଚନ ଦାସ, ଅଶୋକ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଅନାମ ଚରଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଞ୍ଜୟ ବେହେରା, ଲୋଚନ ରାଉତ, ନରେନ୍ଦ୍ର ପ୍ରସାଦ ବେହେରା, ତପୋଧନ ବାରିକ, ରଘୁନାଥ ସାମଲ, ଗୌତମ ମୁଖୀ, ଦେବବ୍ରତ ଦାସ, ଦୟାନିଧି ମହାପାତ୍ର, ବିସ୍ମୟ ବେହେରା ଓ ନିଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ୪୦୭ ସପ୍ତାହରେ ସଫେଇ କାର୍ଯ୍ୟକ୍ରମ



ସ୍ୱଚ୍ଛ ଭାରତ ଅଭିଯାନ ସଙ୍ଗଠନ ପକ୍ଷରୁ ସଫେଇ କରାଯାଉଛି।

ବାହାନଗା, ୨୪।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ସ୍ୱଚ୍ଛ ଭାରତ ଅଭିଯାନ ସଙ୍ଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଦୀର୍ଘ ୪୦୭ ସପ୍ତାହ ଧରି ହୋଇଆସୁଛି । ଏହି ସଙ୍ଗଠନ ଗତ ୨୦୧୪ ମସିହା ମହାତ୍ମାଗାନ୍ଧୀ ଜୟନ୍ତୀଠାରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏଥିରେ ଗୋପାଳପୁର ନାଗରିକ ମଞ୍ଚ ପକ୍ଷରୁ ସହଯୋଗ କରିବା ସହିତ କାର୍ଯ୍ୟକୁ ତ୍ୱରାନିତ କରିଚାଲିଛନ୍ତି। ସଙ୍ଗଠନର ସଦସ୍ୟା ସଦସ୍ୟମାନେ ପ୍ରତ୍ୟେକ ରବିବାର ସକାଳେ ଗୋପାଳପୁର ବଜାର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଜିଲା ମୁଖ୍ୟ କାର୍ଯ୍ୟାଳୟ, ଦେବାଳୟ, ପିକ୍‌ନିକ୍ ସ୍ଥାନ, କଲେଜ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବଜାର ଓ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ସଫେଇ କରିବା ସହିତ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଜନସଚେତନତା କରିଥାନ୍ତି। ତେବେ ସଦସ୍ୟମାନଙ୍କ ଦ୍ୱାରା ପ୍ରତ୍ୟେକ ରବିବାର ସକାଳ ୨ ଘଣ୍ଟା ଧରି ମହିଳା ଓ ପୁରୁଷ ସଦସ୍ୟମାନେ ସଫେଇ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। ତେବେ ରବିବାର ଦିନ ସକାଳ ସାଢେ ୫ଟାରୁ ୨୨ଜଣ ସଦସ୍ୟାସଦସ୍ୟମାନେ ବାହାନଗା – ଗୋପାଳପୁର ପିଡବ୍ଲ୍ୟୁଡିର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱକୁ ସଫେଇ କରିଥିଲେ। ଏଥିରେ ସ୍ୱଚ୍ଛ ଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର, ଅଭିରାମ ସାହୁ, ମନୋଜ ବିଶ୍ୱାଳ, ଲାବଣ୍ୟ ମିଶ୍ର, ହରିଶ ଚନ୍ଦ୍ର ଯେନା, ରବୀନ୍ଦ୍ର ମିଶ୍ର , ବରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ସଫେଇ କରିଥିଲେ। ତେବେ ଦୀର୍ଘ ୪୦୭ ସପ୍ତାହ ଧରି ସଫେଇ କରୁଥିବାରୁ ଅଞ୍ଚଳବାସୀ ତଥା ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ପୂଜାର୍ଚ୍ଚନା




ମନ୍ଦିରରେ ପୂଜାର୍ଚ୍ଚନା ବେଳେ ଉପସ୍ଥିତ ବଳାଙ୍ଗୀ ମହୋତ୍ସବ କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

ବାରିପଦା ଅଫିସ,୨୪।୭

ମୟୂରଭଞ୍ଜ ମାଟିର ସୁଦକ୍ଷ ନାରୀନେତ୍ରୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପୂଜାପାଠ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାର ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ରବିବାର ବାରିପଦାର ଐତିହାସିକ ଶୈବପୀଠ ବାବା ବୁଢ଼ା ରାଉଳେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। କମିଟିର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ତାଙ୍କର ସୁଦୀର୍ଘ ନିରାମୟ ଜୀବନ କାମନା ପୂର୍ବକ ମହାଦେବଙ୍କ ନିକଟରେ ଜଳାଭିଷେକ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ ପୂର୍ବରୁ ବଳାଙ୍ଗୀ ମହୋତ୍ସବ କମିଟି ସହ ଜଡ଼ିତ ରହି ବହୁବାର ବିଭିନ୍ନ ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କର ସମାଜ ପ୍ରତି ପ୍ରତିବଦ୍ଧତା ଏବଂ ତ୍ୟାଗପୁତ କର୍ମଧାରା ଆଜି ତାଙ୍କୁ ଦେଶର ସର୍ବୋଚ୍ଚ ସ୍ଥାନରେ ଆସୀନ କରିପାରିଛି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପୂଜାର୍ଚ୍ଚନା ବେଳେ କମିଟି କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଲିଙ୍ଗରାଜ ମିଶ୍ର, ଗୋଲକ ମହାନ୍ତି, ସତ୍ୟ ନାରାୟଣ ସାହୁ, ବିଜୟ କୁମାର ଦାଶ, ପୀତାମ୍ବର ମଲ୍ଲିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ବିଭିନ୍ନ ରାସ୍ତାପାର୍ଶ୍ୱରେ ଗଛ ଲଗାଇଲେ

ଧାମନଗର, ୨୪।୭(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକର ହସନାବାଦ ପଞ୍ଚାୟତଠାରେ ବିଭିନ୍ନ ରାସ୍ତାପାର୍ଶ୍ୱରେ ଚାରାରୋପଣ କରାଯାଇଛି। ବିଜେଡିର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଧାମନଗର ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ, ଧୂଷୁରୀ ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ସରପଞ୍ଚ ଅଜୟ ମଲ୍ଲିକ, ସମିତିସଭ୍ୟା ଅଭିଲିପ୍ସା ରାଉତଙ୍କ ସମେତ ଦଳର କର୍ମକର୍ତ୍ତା ଯୋଗଦେଇ ଗଛ ଲଗାଇବା ସହ ଯତ୍ନ ନେବାକୁ କହିଥିଲେ।



ଅତିଥିମାନେ ଗଛ ଲଗାଉଛନ୍ତି।

# ବୈଜ୍ଞାନିକ ମେଧା ଅନ୍ୱେଷଣ

ବାରିପଦା ଅଫିସ,୨୪।୭




ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

ମୟୂରଭଞ୍ଜ ଜିଲା ବାରିପଦା କଲେଜ ପରିସରରେ ସାମାଜିକ ସଂସ୍ଥା ଆହ୍ୱାନ ପକ୍ଷରୁ କଲେଜ ସ୍ତରୀୟ ଆନ୍ତଃଜିଲା ବୈଜ୍ଞାନିକ ମେଧା ଅନ୍ୱେଷଣ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲା କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ, ଡିଏଭି ପବ୍ଲିକ ସ୍କୁଲ, ବାରିପଦାର ସରକାରୀ ମହିଳା ମହାବିଦ୍ୟାଳୟ, ବାଇଗଣବାଡ଼ିଆ କଲେଜ, ବାରିପଦା ଡିଗ୍ରୀ ଓ ଜୁନିଅର କଲେଜ, ରାଣୀଭୋଳସ୍ଥିତ ଓଏଭି ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ହାୟର ସେକେଣ୍ଡାରୀ ସ୍କୁଲ ଏବଂ ସତ୍ୟସାଇ ବିଦ୍ୟାବିହାର ଆଦି ଶିକ୍ଷାନୁଷ୍ଠାନର ୧୭ଟି ବିଜ୍ଞାନ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀରେ ୧୨ଜଣ ମାର୍ଗଦର୍ଶକଙ୍କ ତତ୍ତ୍ୱାବଧାନରେ ୫୭ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରଦର୍ଶନୀ ସଭାରେ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଚାନ୍ଦିପୁର ଆଇଟିଆରର ବିଶିଷ୍ଟ ବୈଜ୍ଞାନିକ ତଥା ଆସୋସିଏଟ ନିର୍ଦ୍ଦେଶକ ବି.ସୁଚରିତା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ନିର୍ଦ୍ଦେଶକ ବୈଜ୍ଞାନିକ ନୀଳାଦ୍ରି ରାୟ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷା ଡ.ବନଜା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକଳ୍ପଗୁଡ଼ିକ ଦେଖିବା ସହ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

ବିଚାରକ ଭାବେ ପ୍ରଫେସର ପ୍ରବୋଧ କୁମାର ଦେ ଓ ଡ.ଅଞ୍ଜଳି ମହାପାତ୍ର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବରିଷ୍ଠ ବିଭାଗର ୨ ଓ କନିଷ୍ଠ ବିଭାଗର ୪ ଶ୍ରେଷ୍ଠ ପ୍ରକଳ୍ପ ମନୋନୀତ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ, ସତ୍ୟଦୀପ ନାୟକ, ଅଜିତ କୁମାର କବାଟ, ସତ୍ୟପ୍ରକାଶ ନାୟକ, ସୁଶାନ୍ତି ପ୍ରଧାନ, ସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

